ECOClub Newsletter
Issue No. 30
Oct.-Dec. 2023

# ଇକୋ ସମାଚାର

Under Environment Education Programme

LiFE
Lifestyle for Environment

National Green Corps "Ecoclub" Programme



**Shri Satyabrata Sahu, IAS**
Additional Chief Secretary to Govt.,
Forest, Environment & C. C. Department
Government of Odisha

## MESSAGE

It gives me immense pleasure that Centre for Environmental Studies (CES) is bringing out the 30th issue of Eco-club Newsletter. Let's recollect and reminisce old days when in a clean green country side, used to go shopping with their jute or cloth bags. Times have changed since and pollution has now become a very common term, something our ears are attuned to. Environmental concern and awareness is the need of the hour that requires the society to align its efforts towards the conservation of nature.

At this juncture, it is quite elating to announce the arrival of another issue of the Eco-Club Newsletter. Eco-clubs, since their inception, have been pivotal in executing ground level environmental work and facilitating the spread of environmental awareness. CES is the guiding force behind the commendable efforts of our young warriors towards environmental protection.

I appreciate the hard work of CES in bringing out this quarterly Newsletter that brings into focus the progress made by Eco-clubs in the field of environmental protection and energy conservation. It also puts the limelight on the celebrations of important environmental days and the significant achievements of the Clubs.

I am hopeful that this Newsletter will be a potent tool in highlighting environmental issues and the readers will greatly benefit from the information presented in the newsletter, making them more aware of the dangerous repercussions of our inaction.

Wishing the publication all the best.

(Satyabrata Sahu)

SAVE ENVIRONMENT SAVE LIFE



Dr. K. Murugesan, IFS

**Director**
Centre for Environmental Studies
Forest, Environment & C.C. Department
Government of Odisha

# PREFACE

It gives me immense pleasure to know that Centre for Environmental Studies (CES) is coming up with the 30th volume of its Quarterly Eco-club Newsletter. Young children are 'early adopters' and the aim of Eco-Clubs in the country through Environment Education Programme (EEP) is to sow the seeds of awareness towards conservation of environment right in the beginning to evoke masses across the country. In the present context when environmental degradation and climate change crisis threatens humanity and looms large across the globe, the release of such Newsletters reflecting the talents and the consciousness of young minds to adapt, mitigate, and address various challenges that may arise in coming decades are the need of the hour.

CES has been steering 15250 Eco-clubs of the State to carry out an array of outstanding ground level works in sensitising and creating awareness regarding environment protection and energy conservation. The Newsletter bears testimony to the hard word and dedication of the Eco-club members, observation of important environment days and their unique achievements including ground level efforts.

I am confident that this newsletter will give a sense of satisfaction to the Eco-club members after their hard work comes to life. On the other hand, it can also make the readers more aware towards the dangerous consequences of pollution and climate change and give them the necessary impetus to swing into action.

I wish the publication all success.

**(Dr. K. Murugesan)**

# ସ୍ୱଚ୍ଛ-ସୁନ୍ଦର ପରିବେଶରେ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଘଣ୍ଟାପଡ଼ା

ପୀତବାସ ପଣ୍ଡା, ପ୍ରଧାନ ଶିକ୍ଷକ



ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ାରେ ଅବସ୍ଥିତ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ। ୪୦୮ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଭାରି ପରିବେଶ ମଧ୍ୟରେ ଏଠାରେ ଗଢ଼ି ଉଠିଛି ଏକ ମନଲୋଭା ପରିବେଶ। ଦେବଦାରୁ, ଲିମ୍ବ, ଅଁଳା, କଦମ୍ବ ସହିତ ଅମୃତଭଣ୍ଡା, କଦଳୀ, ପିଜୁଳି ଓ ବିଭିନ୍ନ ଔଷଧୀୟ ବୃକ୍ଷ ସହ ଅନେକ ପ୍ରକାର ଫୁଲଗଛରେ ହସି ଉଠୁଛି ବିଦ୍ୟାଳୟର ପରିବେଶ।

ବିଦ୍ୟାଳୟରେ ଥିବା ଇକୋ କ୍ଲବ ମାଧ୍ୟମରେ ପ୍ରତିବର୍ଷଭଳି ଏ ବର୍ଷ ମଧ୍ୟ ବିଭିନ୍ନ ପରିବେଶ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଗତ ଜୁଲାଇ ୨୬ ତାରିଖରେ ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ବିଦ୍ୟାଳୟର ମୁଖ୍ୟ ପ୍ରବେଶଦ୍ୱାର ନିକଟରୁ ଗ୍ରାମ୍ୟରାସ୍ତା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବଉଳ ଚାରା ରୋପଣ କରାଯାଇ ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯାଇଛି।

ଗତ ଅକ୍ଟୋବର ମାସ ୨୨ ତାରିଖରେ ପ୍ଲାଷ୍ଟିକମୁକ୍ତ ସଚେତନତା ରାଲିର ଆୟୋଜନ କରାଯାଇ ଛାତ୍ରଛାତ୍ରୀମାନେ ଗ୍ରାମ୍ୟ ପରିକ୍ରମା କରିଥିଲେ। ପଲିଥିନ୍‌ର ବହୁଳ ବ୍ୟବହାର ଦ୍ୱାରା ପରିବେଶ ଉପରେ ପଡୁଥିବା ତା'ର କୁପ୍ରଭାବ ଓ ଉପୁଜୁଥିବା ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଲୋକମାନଙ୍କୁ ବୁଝେଇବା ସହିତ ପ୍ଲାଷ୍ଟିକ୍ ବ୍ୟବହାରକୁ ବାରଣ କରିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇଥିଲେ।

ଗତ ସେପ୍ଟେମ୍ବର ମାସ ୧୬ ତାରିଖରେ ଓଜୋନ ଦିବସ ପାଳନ ପରିପ୍ରେକ୍ଷୀରେ ଚଳିତ ବର୍ଷର ବିଷୟବସ୍ତୁ 'ପୃଥିବୀ ପୃଷ୍ଠରେ ଜୀବନ ସୁରକ୍ଷା ପାଇଁ ବିଶ୍ୱ ସହଯୋଗ' ଉପରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସେମିନାରର ଆୟୋଜନ କରାଯାଇଥିଲା। ବାୟୁମଣ୍ଡଳ ପାଇଁ ଓଜୋନ ସ୍ତରର ଗୁରୁତ୍ୱ ଓ ଏହାର ସଂରକ୍ଷଣ ପାଇଁ ସମସ୍ତେ ଯତ୍ନବାନ ହେବା ବିଧେୟ ବୋଲି ଆଲୋଚନା କରାଯାଇଥିଲା।

'ସ୍ୱଚ୍ଛ ପରିବେଶ-ସୁସ୍ଥ ଶରୀର', 'ସୁସ୍ଥ ଶରୀର-ସୁସ୍ଥ ମନ' ଓ 'ସୁସ୍ଥ ମନ-ସୁସ୍ଥ ସମାଜ'କୁ ଦୃଷ୍ଟିରେ ରଖି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସର ତଥା ସଂଲଗ୍ନ ଖେଳପଡ଼ିଆରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ଆବର୍ଜନା ସଂଗ୍ରହକରି ତା'ର ପରିଚାଳନା ଉପରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ ଏବଂ ନିଜେ ପରିଷ୍କାର ରହିବା ସହିତ ନିଜ ପରିବେଶକୁ ସଫାସୁତୁରା ରଖିବା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଶପଥପାଠ କରିଥିଲେ।





# ବେଳାଭୂମି ସୁରକ୍ଷା କ୍ଷେତ୍ରରେ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟର ସାଫଲ୍ୟ



ଲକ୍ଷ୍ମୀବରାହ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଅନ୍ତର୍ଗତ ହାତିନା ଗ୍ରାମରେ ଅବସ୍ଥିତ। ବିଦ୍ୟାଳୟର ଅନତି ଦୂରରେ ବଙ୍ଗୋପସାଗର ଏବଂ ଭିତରକନିକା ପ୍ରକୃତି ନିବାସ ଅବସ୍ଥିତ। ବିଦ୍ୟାଳୟରେ ଇକୋକ୍ଲବ୍ ଗଠନ ହେବା ପରଠାରୁ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ କିଛି କିଛି ଆର୍ଥିକ ଅନୁଦାନ ପାଇ ଆସୁଅଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଇକୋ-କ୍ଲବ୍ ଇନ୍‌ଚାର୍ଜ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସର ଏବଂ ଖେଳ ପଡ଼ିଆରେ ଚତୁଃପାର୍ଶ୍ୱରେ ସବୁଜବଳୟ ସୃଷ୍ଟି କରାଯାଇପାରିଛି। ଏହିସବୁ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ଏବଂ ମୋ' ସ୍କୁଲ୍‌ର ସଦସ୍ୟମାନଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେପ୍ଟେମ୍ବର ୧୭, ୨୦୨୨ରେ ଭାରତ ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ପେଣ୍ଠ ବେଳାଭୂମି ଠାରେ ଅନୁଷ୍ଠିତ "ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର" କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ୭୩ତମ ବନ ମହୋତ୍ସବରେ ୫ଜଣ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ପ୍ରବନ୍ଧ ଓ କବିତା ପ୍ରତିଯୋଗିତାରେ କୃତ କାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ। ପ୍ରତିବର୍ଷ ଦୁଇଥର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପେଣ୍ଠ ବେଳାଭୂମିଠାରେ ସଫେଇ କରାଯାଇଥାଏ। ଡିସେମ୍ବର ୧୪, ଶକ୍ତି ସଂରକ୍ଷଣ ଦିବସ ଅବସରରେ ବିଦ୍ୟାଳୟର ଇକୋ କ୍ଲବ୍ ଏବଂ ଏନର୍ଜି କ୍ଲବ୍ ସଭ୍ୟମାନଙ୍କ ଦ୍ୱାରା ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲେ। ପରେ ବିଦ୍ୟାଳୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା କରି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ନାୟକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ। ୭୪ତମ ବନ ମହୋତ୍ସବରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ମାନପତ୍ର ବଣ୍ଟନ କରାଯାଇଥିଲା ସେପ୍ଟେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ସ୍ୱଚ୍ଛତାପକ୍ଷ ପାଳନ କରାଯାଇଥିଲା। ଏହି ସ୍ୱଚ୍ଛତା ପକ୍ଷରେ ବିଦ୍ୟାଳୟ ପରିସର ଗ୍ରାମ, ରାସ୍ତା ଇତ୍ୟାଦି ସଫେଇ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏବଂ ମୋ' ସ୍କୁଲ୍‌ର ସଦସ୍ୟମାନଙ୍କ ସହ ବିଦ୍ୟାଳୟ ପିଲାମାନେ ମିଶି ଏହି ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏହା ମଧ୍ୟରେ ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଇଥିଲା, ସ୍ୱଚ୍ଛତା ପକ୍ଷ ଶେଷରେ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, କବିତା ଲିଖନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱ ଓଜୋନ ଦିବସ ଅବସରରେ ପ୍ରଧାନ ଶିକ୍ଷକ ଓ ଇକୋ କ୍ଲବ୍‌ର ଶିକ୍ଷକ, ବିଦ୍ୟାର୍ଥୀମାନଙ୍କୁ ଓଜୋନ ସ୍ତରର ସୁରକ୍ଷା ଆବଶ୍ୟକତା ଏବଂ ସଂରକ୍ଷଣର ମହତ୍ତ୍ୱ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

ପ୍ରମୋଦ କୁମାର ପଣ୍ଡା, ପ୍ରଧାନ ଶିକ୍ଷକ



ପେଣ୍ଠ ବେଳାଭୂମି ସଫେଇ କଲେ ଛାତ୍ରଛାତ୍ରୀ

ରାଜନଗର, ୪/୩ (ଇମିସ) ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟ ସବୁଜ ବାହିନୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପେଣ୍ଠ ବେଳାଭୂମି ସଫେଇ କରାଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ କ୍ରୀଡାଶିକ୍ଷକ ବ୍ରହ୍ମାନନ୍ଦ ରାଉତ, ସବୁଜ ବାହିନୀ ଶିକ୍ଷକ ସେକ୍ ନେମାତୁଲ୍ଲା, ନିରଂଜନ ପଲାଇ, ଅରବିନ୍ଦ ଦାସ, ବର୍ଷାରାଣୀ ରାଉତ, ଚିତ୍ତରଂଜନ ଜେନା ପ୍ରମୁଖ ଛାତ୍ର ଛାତ୍ରୀଙ୍କ ସହିତ ସକାଳେ ବେଳାଭୂମି ସଫେଇ କରିଥିଲେ। ଏବେ ବେଳାଭୂମିରେ ଚାଲିଥିବା ମହିମା ଅଲେଖ ଅଖଣ୍ଡ ବ୍ରହ୍ମଧୂନି ଯଜ୍ଞ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଏହାକୁ ଦୃଷ୍ଟିରେ ରଖି ସବୁଜ ବାହିନୀର ଛାତ୍ରଛାତ୍ରୀ ବେଳାଭୂମି ସଫେଇ କରିଥିଲେ।

KENDRAPARA Edition
Page No.2 March 05, 2023



'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ଅଭିଯାନ ଉଦ୍‌ଯାପିତ



ବେଳାଭୂମି ସଫା କଲେ ଛାତ୍ରଛାତ୍ରୀ



ବିଦ୍ୟାଳୟପରିସରରେଓଜନଦିବସ

ରାଜନଗର,୧୬।୯ (ନି ପ୍ର): ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଜନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପ୍ରମୋଦକୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଓଜନ ଦିବସର ମହତ୍ୱ ସମ୍ପର୍କରେ ଶିକ୍ଷକ ଗୋପବନ୍ଧୁ ବେହେରା, ଅରବିନ୍ଦ ଦାଶ, ଅମିତା ରାଉତ, ତ୍ରିନାଥ ବେହେରା, ସୁଜାତା ଲେଙ୍କା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପରିବେଶ ସୁରକ୍ଷାରେ ବ୍ରତୀ ରମାଦେବୀ ଆବାସିକ ବାଳିକା ଉଚ୍ଚବିଦ୍ୟାଳୟ, ନବରଙ୍ଗପୁର



ସ୍ୱର୍ଣ୍ଣଲତା ରଥ, ପ୍ରଧାନ ଶିକ୍ଷୟିତ୍ରୀ

ଆଜିର ଶିଶୁ କାଲିର ନାଗରିକ। ସେଇ କୋମଳମତୀ ଶିଶୁ ତଥା ଦେଶର ଭବିଷ୍ୟତ ବିଦ୍ୟାର୍ଥୀଙ୍କୁ ପରିବେଶର ଗୁରୁତ୍ୱ, ତା'ସହିତ ଜଡ଼ିତ ସମସ୍ୟା ପରିବେଶର କୁପ୍ରଭାବ ଦ୍ୱାରା କିପରି ପୃଥିବୀ ଧ୍ୱଂସ ଆଡକୁ ଗତି କରୁଛି ସେ ସଂପର୍କରେ ସଚେତନ କରାନଗଲେ ଆମେ ବିପଦ ମୁହଁକୁ ଟାଣିହୋଇ ଯିବା। ସମଗ୍ର ମାନବ ସମାଜ ଆଜି ଚର୍ମଜନିତ ବିଭିନ୍ନ ରୋଗରେ ପୀଡ଼ିତ।



ଏ ବିଷୟରେ ସଚେତନ କରାଇବା ନିମିତ୍ତ ରମାଦେବୀ ଆବାସିକ ବାଳିକା ଉଚ୍ଚବିଦ୍ୟାଳୟ ୨୦୧୧ ମସିହାରୁ ଅଦ୍ୟାବଧି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ବୃକ୍ଷରୋପଣ, ପଲିଥିନ ବର୍ଜନ, ଶକ୍ତି ସଂରକ୍ଷଣ ଆଦି ବିଷୟକୁ ନେଇ ନାଟକ, ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରଭୃତି ପ୍ରତିଯୋଗିତା କରାଯାଇ ବିଦ୍ୟାର୍ଥୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି। କେବଳ ବିଦ୍ୟାର୍ଥୀ ନୁହଁ ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ନିକଟସ୍ଥ ବିଦ୍ୟାଳୟ ଆନ୍ତଃବିଦ୍ୟାଳୟ, ପ୍ରତିଯୋଗିତାମାନ ମଧ୍ୟ ଆୟୋଜନ କରାଯାଇଛି। ଜିଲ୍ଲାସ୍ତରରେ ବିଶ୍ୱ ବନ ଦିବସରେ ଏକ ସୁନ୍ଦର ନାଟକ ଇନ୍ଦ୍ରାବତୀ ପ୍ରକଳ୍ପ ବିଦ୍ୟାଳୟ ଅଧ୍ୟାପକଙ୍କ ଲିଖିତ ନାଟକ 'ପାନି ମାରିଦେଲା ଝାଇଁ' ଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଅନେକ ପ୍ରଶଂସା ସାଉଁଟିଥିଲା ନାଟକଟି। ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଛାତ୍ରୀଙ୍କ ଅଭିନୟରେ ମୁଗ୍ଧ ହୋଇ ୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

ନାଟକ ହିଁ ଶକ୍ତି। ଏହି ସମ୍ବନ୍ଧରେ "ଗଛର କଥାନି, ମକେ ନାଇ ମାରା" ଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହୋଇ ଅନେକ ପ୍ରଶଂସା ସାଉଁଟିବା ସହ ସମସ୍ତଙ୍କ ହୃଦୟକୁ ଛୁଇଁଛି ଓ ବୃକ୍ଷରୋପଣ କିପରି କରାଯାଉଛି, ଜଙ୍ଗଲର ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟିର ବିଷୟ ବାର୍ତ୍ତା ପ୍ରଦାନ କରିଛନ୍ତି। ବିଦ୍ୟାଳୟରେ ଆମ୍ବ, ପଣସ, ପିଜୁଳି, ଜାମୁକୋଳି, ତେଜପତ୍ର, ହରିଡ଼ା, ବାହାଡ଼ା, ଅଁଳା, ଅଶୋକ ଚନ୍ଦନ, ଚମ୍ପା, ଶାଗୁଆନ, କଶ୍ମୀର କ୍ୱିଇନ୍, ଚାକୁଣ୍ଡା ପ୍ରଭୃତି ବଡ଼ଗଛ, କଦଳୀ, ଲେମ୍ବୁ, ଡାଳିମ୍ବ, ଜାମୁରୋଳ ଆଦି ଫଳ ଗଛ, ବାଇଗଣ, ଝୁଡୁଙ୍ଗ, କଲରା, ବିନ୍ସ, କାକୁଡ଼ି ଇତ୍ୟାଦି ପନିପରିବା,



ଛାତ୍ରୀଙ୍କ ସହ ଅଭିଭାବକ ନେଲେ ସବୁଜ ଶପଥ

ମନ୍ଦାର, ଡାଲିଆ, ସେବତୀ, ଗ୍ଲାଡିଏଲ୍, କନିଅର, ମଧୁମାଳତୀ, ରାତକିରାନୀ ଇତ୍ୟାଦି ଫୁଲଗଛ ରହିଛି। 'ଛାତ୍ରୀଟିଏକୁ ଗଛଟିଏ' ଭିତ୍ତିରେ ବିଦ୍ୟାର୍ଥୀଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ଉକ୍ତ ବୃକ୍ଷରାଜିରେ ଶୋଭିତ ବିଦ୍ୟାଳୟଟି ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ସହ ସମସ୍ତଙ୍କ ମନରେ ଏକ ଆଶ୍ରମର ଭ୍ରମ ସୃଷ୍ଟି କରୁଛି। ମୋ ସବୁଜ ବାହିନୀ ନିଜର କର୍ତ୍ତବ୍ୟ କ୍ରମାଗତ ଭାବେ କରିଚାଲିଛି। ବିଦ୍ୟାଳୟଟି ୨୦୧୮ରେ ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ କରିଅଛି।



# ‘ଗୋଟିଏ ପିଲାକୁ ଗୋଟିଏ ଗଛ’ : ସାଧ୍ୱୀ ମେରୀ ବାଳିକା ଉଚ୍ଚବିଦ୍ୟାଳୟ ଲକ୍ଷ୍ୟ



ଲିଲି ପ୍ରତିମା ଏକ୍କା, ଶିକ୍ଷୟିତ୍ରୀ

ସାଧ୍ୱୀ ମେରୀ ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ଇକୋକ୍ଲବ୍ ଏବଂ ଶକ୍ତି କ୍ଲବ୍ ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସର ମଧ୍ୟରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପାଟ୍ରିଲିଆ ଲାକ୍ରା ଏବଂ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଗହଣରେ ମୁଖ୍ୟଅତିଥି ମେରୀ ବେର୍ଣ୍ଣଡେଥ୍ ସୋରେଙ୍ଗ ଯୋଗଦେଇଥିଲେ ।

ବିଭିନ୍ନ ପ୍ରକାରର ଶକ୍ତି ସଂରକ୍ଷଣର ସଚେତନ ଆଧାରିତ ବକ୍ତୃତା ଏବଂ ଡ୍ରଇଂ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ, ଡ୍ରଇଂ କପି ଏବଂ କଲର ପେନସିଲ ବିତରଣ କରାଯାଇଥିଲା ।

## “ଗୋଟିଏ ପିଲାକୁ ଗୋଟିଏ ଗଛ”

ଆଜିର କାର୍ଯ୍ୟକ୍ରମ “ଗୋଟିଏ ପିଲାକୁ ଗୋଟିଏ ବୃକ୍ଷ’ ଦିବସ ଉପଲକ୍ଷେ ପରିବେଶକୁ ସୁସ୍ଥ ଓ ସୁନ୍ଦର କରିବା ପାଇଁ ଗଛ ଅପରିହାର୍ଯ୍ୟ । ଏହି ବାର୍ତ୍ତା ନେଇ ତା ୧୨.୮.୨୩ ଶନିବାର ସକାଳ ସାଢ଼େ ୮ଟାରେ ସୁନ୍ଦରଗଡ଼ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ଥାନୀୟ ମିଶନରୋଡ଼ସ୍ଥ ସେଣ୍ଟମେରି ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ଦେବଦାସ ମିରାସେ ଓ ସମ୍ମାନିତ ଅତିଥି ରୂପେ ପ୍ରକୃତିପ୍ରେମୀ ସୁଧାଂଶୁ କୁମାର ଚୌଧୁରୀ ଚାରାରୋପଣ କରିବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାସହ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମହୋଦୟାଙ୍କ ତତ୍ତ୍ୱାବଧାନରେ ୫୦ରୁ ଅଧିକ ଛାତ୍ରୀ ସାମିଲହୋଇ ଚାରା ଲଗାଇଥିଲେ ।

## ବନ ମହୋତ୍ସବ

“ସୁନ୍ଦର ସୃଷ୍ଟିର ଅବକାଶ ନାହିଁ ଯେତେ ଦେଖୁଥିଲେ ମଧ ଏହାର ଅନ୍ତ ଘଟେ ନାହିଁ ।” ଆମ ପରିବେଶ ସୁସ୍ଥ ଓ ସ୍ୱଚ୍ଛ ରହିଲେ ଆମ୍ଭେମାନେ ସୁସ୍ଥ ଓ ସୁଖୀ ରହିବା । ଏଥିରେ ସନ୍ଦେହର ଅବକାଶ ନାହିଁ । ଉକ୍ତ ବାକ୍ୟର ତାତ୍ପର୍ଯ୍ୟକୁ ଅନୁସରଣ କରି ସାଧ୍ୱୀ ମେରୀ ବାଳିକା ଉଚ୍ଚବିଦ୍ୟାଳୟ, ସୁନ୍ଦରଗଡ଼ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଧାର କରି ଗଢ଼ିଉଠିଛି ସବୁଜ ଶିକ୍ଷାର୍ଥୀ ବାହିନୀ ଓ ଏହାର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଗତିଶୀଳ “ବୃକ୍ଷ ଲଗାଇବା ସୁସ୍ଥ ପରିବେଶ ଗଢ଼ିବା ।”

ବୃକ୍ଷରୋପଣ ଦିବସ “ବନମହୋତ୍ସବ” ଆମ୍ଭ ବିଦ୍ୟାଳୟରେ ସବୁଜ ବାହିନୀର ସଦସ୍ୟବୃନ୍ଦ ତଥା ରେଡ଼କ୍ରସ ଓ ଏନ୍.ସି.ସି., ସବୁଜ ବାହିନୀ ଶିକ୍ଷୟିତ୍ରୀ ଲିଲି ପ୍ରତିମା ଏକ୍କାଙ୍କ ନେତୃତ୍ୱରେ ବିଦ୍ୟାଳୟର ପରିସର ମଧ୍ୟରେ ବ୍ୟାପକ ଚାରାରୋପଣ କରାଯାଇଥିଲା । ଛାତ୍ରୀମାନଙ୍କ ମନରେ ଆଗ୍ରହ ଓ ସଚେତନତା ଜାଗ୍ରତ କରିବା ପାଇଁ ପ୍ରବନ୍ଧ, ଚିତ୍ରାଙ୍କନ, କବିତା, ବକ୍ତୃତା ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

ଏହି ବିଦ୍ୟାଳୟଟି ୫ଏକର ଜମିରେ ଆଦିବାସୀ ଅଞ୍ଚଳରେ ଅବସ୍ଥିତ । ପ୍ରାୟ ଦୁଇ ଏକର ଜମିରେ ଇକୋ କ୍ଲବ୍‌ର ସବୁଜ ବାହିନୀ ଛାତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଇକାଲି ପଟାସ, ନିମ୍ବ, ସଜନା, ଲେମ୍ବୁ, ଆମ୍ବ, ପିଜୁଳି, ଅଁଳା, ପିପିଡା ସହ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଛି ଏବଂ ସୁନ୍ଦର ସବୁଜ ପରିବେଶ ଭିତରେ ଏହି ବିଦ୍ୟାଳୟ ରହିଛି । ବିଦ୍ୟାଳୟ ଭିତରେ ଏକ ସୁନ୍ଦର ପୁଷ୍ପ ଉଦ୍ୟାନ ମଧ୍ୟ ସୃଷ୍ଟି କରାଯାଇଛି ।





# ଈଶାନେଶ୍ୱର ଉଚ୍ଚବିଦ୍ୟାଳୟ,ରାଜେନ୍ଦ୍ରପୁରର ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

ଦୁଃଶାସନ ସାହୁ, ପ୍ରଧାନ ଶିକ୍ଷକ



ଯାଜପୁର ଜିଲ୍ଲା ଅଧୀନସ୍ଥ ରସୁଲପୁର ବ୍ଲକ୍‌ର ରାଜେନ୍ଦ୍ରପୁର ଗ୍ରାମପଞ୍ଚାୟତରେ ଅବସ୍ଥିତ ଈଶାନେଶ୍ୱର ଉଚ୍ଚବିଦ୍ୟାଳୟ ପରିବେଶ କ୍ଷେତ୍ରରେ ନିଶ୍ଚିତ ଭାବରେ ଏକ ଦୃଷ୍ଟାନ୍ତ। ଏଥିରେ କିଛି କାଳ୍ପନିକତା ନାହିଁ କିମ୍ବା ଦେଖାଣିଆ କାର୍ଯ୍ୟକ୍ରମ ନାହିଁ। ବିଦ୍ୟାଳୟକୁ ପ୍ରତ୍ୟକ୍ଷ ଭାବରେ ପରିଦର୍ଶନ କଲେ ପରିବେଶ କ୍ଷେତ୍ରରେ ଏହାର ସଫଳତା ସ୍ପଷ୍ଟ ବାରି ହୋଇପଡ଼ିବ। ଉକ୍ତ ବିଦ୍ୟାଳୟ ୨୦୧୩ ମସିହାରେ ପ୍ରକୃତିମିତ୍ର ପୁରସ୍କାର ପାଇବା ସହିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ୨୦୧୪ ମସିହାରେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିଲେ। ବର୍ତ୍ତମାନ ବିଦ୍ୟାଳୟ ପରିସରରେ ୫୦ରୁ ଊର୍ଦ୍ଧ୍ୱ ପ୍ରକାରର ସ୍ଥାୟୀ ଫୁଲଗଛ ରହିଛି। ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାର ଫୁଲଗଛ ଲଗାଇ ବିଦ୍ୟାଳୟର ସୌନ୍ଦର୍ଯ୍ୟବର୍ଦ୍ଧନ କରିଆସୁଅଛି। ଏହା ସହିତ ୩୦ରୁ ଅଧିକ ପ୍ରକାରର ସୌନ୍ଦର୍ଯ୍ୟ ବର୍ଦ୍ଧନକାରୀ (ସୋ ପ୍ଲାଣ୍ଟ) ବୃକ୍ଷ, ୨୦ରୁ ଊର୍ଦ୍ଧ୍ୱ ପ୍ରକାରର ଔଷଧୀୟ ବୃକ୍ଷ, ଫଳ ପ୍ରଦାନ କରୁଥିବା ୩୦ରୁ ଅଧିକ ନଡ଼ିଆ ଗଛ, ଫଳ ପ୍ରଦାନ କରୁଥିବା ୫ଟି ପଣସଗଛ, ୧୦ଟି ଆମ୍ବଗଛ (ବାଇଗଣ ପଲେଇ, ତୋତା ପଲେଇ, ଆମ୍ରପଲ୍ଲି, ହେମସାଗର ଇତ୍ୟାଦି), ୬୦ଟିରୁ ଅଧିକ ଗୁଆଗଛ, ନିର୍ମାଣ ଯୋଗ୍ୟ କାଠ ଗଛ ମଧ୍ୟରେ ଅଢ଼େଇରୁ ୩ ଫୁଟ୍ ଗୋଲେଇ ବିଶିଷ୍ଟ ୭୦ଟି ଶାଗୁଆନ ଗଛ, ଅଢ଼େଇରୁ ୩ ଫୁଟ ଗୋଲେଇ ବିଶିଷ୍ଟ ୫ଟି ପିଆଶାଳ ଗଛ, ୨ରୁ ୩ ଫୁଟ ଗୋଲେଇ ବିଶିଷ୍ଟ



୨ଟି ଶିଶୁଗଛ, ୧୫ରୁ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ୬୦-୭୦ଟି ଓଲଟ ଦେବଦାରୁ ଗଛ ଏବଂ ଫଳ ଫଳିନଥିବା ୮୦ଟି ନଡ଼ିଆ ଗଛ, ୩୦ଟି ଆମ୍ବ ଗଛ (ଶଙ୍କର ଜାତୀୟ), ୧୦ଟି ପିଜୁଳି ଗଛ ଅଛି। ଏ ସମସ୍ତ ଗଛଗୁଡ଼ିକ ବିଦ୍ୟାଳୟର ଶୋଭାବର୍ଦ୍ଧନ କରୁଛି।

## ବର୍ଜ୍ୟବସ୍ତୁ ପରିଚାଳନା:

ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ, ଜଳସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ଜିଆ ଖତ ପ୍ରସ୍ତୁତ କ୍ଷେତ୍ରରେ ବିଦ୍ୟାଳୟର ସଫଳତା ପାଇପାରିଛି। ଏତଦ୍ ଭିନ୍ନ ଛାତ୍ରଛାତ୍ରୀ, ଏ ଅଞ୍ଚଳର ଜନସାଧାରଣଙ୍କୁ ଏ ସବୁ ବାବଦରେ ସଚେତନ କରିବାରେ ବିଦ୍ୟାଳୟ ସକ୍ଷମ ହୋଇପାରିଛି। ବିଦ୍ୟାଳୟର ପରିମଳ ବ୍ୟବସ୍ଥା ପ୍ରତି ଛାତ୍ରଛାତ୍ରୀ ସଦାସର୍ବଦା ଯତ୍ନବାନ୍ ଅଛନ୍ତି। ନିୟମିତ ବ୍ୟବଧାନରେ ଶୌଚାଳୟ ପରିଷ୍କାର କରିବା, ଖାଇବା ପୂର୍ବରୁ ହାତ ଧୋଇବା, ଚପଲ ପିନ୍ଧି ଶୋଚାଳୟକୁ ଯିବା ଇତ୍ୟାଦି ସମସ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସଚେତନ କରାଯାଇଛି।



ପରିବେଶ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଯଥା- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, କୁଇଜ୍ ଓ ଏକକ ଅଭିନୟ ଇତ୍ୟାଦି ପ୍ରତିଯୋଗିତାମାନ କରାଯାଉଛି।

ଏଣୁ ବିଦ୍ୟାଳୟ ତଥା ସ୍ଥାନୀୟ ଅଞ୍ଚଳ ପ୍ରତି ବିଦ୍ୟାଳୟ ଇକୋ-କ୍ଲବ୍‌ର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ।



# ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟର ମାନ୍ୟତା ପ୍ରଦାନ

ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟଟି ବାରିପଦା ମୁନସିପାଲିଟି ଅଧିନରେ ଅବସ୍ଥିତ। ସ୍କୁଲରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦୂରଦୂରାନ୍ତରରୁ ଆସି ଅଧ୍ୟୟନ କରିଥାନ୍ତି। ଇକୋ କ୍ଲବ କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଏହି ବିଦ୍ୟାଳୟଟି କିଛି ଅନୁଦାନ ପାଇ ଆସୁଛି। ପ୍ରତ୍ୟକ ବର୍ଷ ଇକୋକ୍ଲବ୍ ମାଧ୍ୟମରେ ନର୍ସରୀ ପ୍ରସ୍ତୁତି, ନୂତନ ବୃକ୍ଷ ରୋପଣ, ପୁରାତନ ବୃକ୍ଷର ଯତ୍ନ, ଗଛ ଚାରିପଟେ ବାଡ଼ଦେବା, ନିୟମିତ ଗଛରେ ପାଣିଦେବା ସହ ବିଦ୍ୟାଳୟ ପରିବେଶର ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରତିଦିନ ବିଦ୍ୟାଳୟକୁ ସଫାସୁତୁରା ରଖିବା କାର୍ଯ୍ୟକ୍ରମ ଚାଲୁ ରହିଛି। ଫଳସ୍ୱରୂପ ବିଦ୍ୟାଳୟଟି ଏକ ସବୁଜିମାରେ ପରିଣତ ହୋଇପାରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହାୟତାରେ ଓ ଇକୋ କ୍ଲବ ଇନଚାର୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନେକ ଜନହିତକର କାର୍ଯ୍ୟକ୍ରମ କରାଯାଇଛି। ପ୍ରତିଦିନ ବିଦ୍ୟାଳୟର ପରିସର ସଫା କରାଯାଇ ଡ଼ଷ୍ଟବିନରେ ଅଳିଆ ଆବର୍ଜନା ପକାଯାଏ।

ଗ୍ରାମ୍ୟ ପୋଖରୀର ଚତୁଃପାର୍ଶ୍ୱ, ବିଦ୍ୟାଳୟ ପରିସର ଏବଂ ରାସ୍ତା କଡ଼ରେ ପଡିଥିବା ପଲିଥିନ, ପ୍ଲାଷ୍ଟିକ୍ ସଂଗ୍ରହ କରିବାସହ ଛାତ୍ରଛାତ୍ରୀମାନେ ଘରଘର ବୁଲି ପ୍ଲାଷ୍ଟିକ୍ ପଦାର୍ଥର ବ୍ୟବହାର ବନ୍ଦ କରିବା ଓ ପ୍ଲାଷ୍ଟିକ୍ ଆବର୍ଜନା କିପରି ବିଶ୍ୱକୁ ବିପଦ ମଧ୍ୟକୁ ଠେଲି ଦେଉଛି ଏବଂ ଏହାର କିପରି ସଦୁପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ଜନସଚେତନ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଦ୍ୟାଳୟଟି ଏକ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟର ମାନ୍ୟତା ପାଇପାରିଛି।



ବିଭିନ୍ନ ସମୟରେ ପରିବେଶ ସମ୍ବନ୍ଧୀୟ ବକ୍ତୃତା, ଗୀତ, ଚିତ୍ର, ଏକକ ଅଭିନୟ, ସ୍ଲୋଗାନ ଲିଖନ, ପତ୍ରଚିତ୍ର, ମାଟିଚିତ୍ର, ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର, ପ୍ଲାଷ୍ଟିକ୍ ବୋତଲର ପୁନଃ ବ୍ୟବହାର ଉପରେ କର୍ମଶାଳା ଏବଂ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଇ ସେମାନଙ୍କ ମାଧ୍ୟମରେ ଅଭିଭାବକ, ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ସଂପର୍କରେ ସଚେତନ କରିବା ପାଇଁ କାର୍ଯ୍ୟକ୍ରମ କରାଯାଏ। ଗଣଧାରଣା, ପଥପ୍ରାନ୍ତ ନାଟକ, ପ୍ରଚାରପତ୍ର ବଣ୍ଟନ ଏବଂ ବୈଠକ କରାଯାଇ ସ୍ଥାନୀୟ ରାଜନେତା, ବିଭିନ୍ନ ସରକାରୀ କାର୍ଯ୍ୟାଳୟର ମୁଖ୍ୟମାନଙ୍କୁ ନିମନ୍ତ୍ରିତ କରି ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଏ।



ପ୍ରତିବର୍ଷ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ, ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ, ଶକ୍ତି ସଂରକ୍ଷଣ ଦିବସ, ଜଙ୍ଗଲ ସୁରକ୍ଷା ସପ୍ତାହ, ଓଜନ ଦିବସ, ହାତଧୁଆ ଦିବସ ଆଦି ପାଳନ କରାଯାଏ।

ସମୟାନୁସାରେ ବିଭିନ୍ନ ସଭାସମିତି ମଧ୍ୟ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣ ଦ୍ୱାରା ପରିବେଶ କି ପ୍ରକାର ପ୍ରଭାବ ପଡୁଛି, ତା' ଉପରେ ଗୁରୁତ୍ୱ ଦିଆଯାଇ ଜନସଚେତନତା ସୃଷ୍ଟି କରଯାଏ। ଏହା ସମସ୍ତଙ୍କ ଦ୍ୱାରା ପ୍ରଶଂସନୀୟ ହୋଇଛି। ସଷ୍ଟେନେବଲ୍ ଲାଇଫ ଷ୍ଟାଇଲ ବିଷୟରେ ପ୍ରକଳ୍ପ ପ୍ରଦର୍ଶନୀ ମଧ୍ୟ କରାଯାଇଛି।



# ଆଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ




ଉତ୍କଳ ଗୌରବ ମଧୁବାବୁଙ୍କ ଏନ୍ତୁଡ଼ିଶାଳ ନିକଟସ୍ଥ ସତ୍ୟଭାମାପୁର ସ୍ଥିତ ଗୋପୀନାଥପୁର, କଟକ ଠାରେ ସାଇ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଦ୍ୟୁତ୍ ଅପବ୍ୟବହାର ରୋକିବା ଓ ଶକ୍ତି ସଂରକ୍ଷଣ ସଚେତନତା ସୃଷ୍ଟି କରିବା ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା କରା ଯାଇଥିଲା। ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ସାଇ ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ଭୂୟାଁ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁଜୀ ଓ ଗୁରୁମାମାନେ ଛାତ୍ରଛାତ୍ରୀ ମାନଙ୍କୁ ଆଲୋଚନା ମାଧ୍ୟମରେ ବାର୍ତ୍ତା ପ୍ରଦାନ କରିଥିଲେ।

ସାଇ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଏକ ମାଗଣା ଗୋ-ଚିକିତ୍ସା ଶିବିର ସହ ଜୈବିକ ଖତ ବ୍ୟବହାର କରି ନିଜ ବାଡ଼ି ବଗିଚାରେ ଏହାର କିଭଳି ବ୍ୟବହାର କରାଯିବା ଉଚିତ ଏ ସମ୍ପର୍କରେ ଏକ ସଚେତନତା ସୃଷ୍ଟି କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରାଣୀଧନ ଚିକିତ୍ସକ ଅଭିମନ୍ୟୁ ସାହୁ, ଦୀପକ କୁମାର ସେନାପତି, କେଶବ ଚନ୍ଦ୍ର ମହାନ୍ତି, ଉପେନ୍ଦ୍ର ରଣା ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମାନଙ୍କୁ ଏହାର ଉପଯୋଗିତା ଉପରେ ଆଲୋଚନା କରିଥିଲେ।

ଉତ୍କଳ ଗୌରବ ମଧୁବାବୁଙ୍କ ଏନ୍ତୁଡ଼ିଶାଳ ନିକଟସ୍ଥ ସତ୍ୟଭାମାପୁର ଗ୍ରାମ ସଫେଇ କାର୍ଯ୍ୟକ୍ରମ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଓ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟଭାମାପୁର ସରପଞ୍ଚ ସୁଧାଂଶୁବାଳା ଜେନା ଓ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ଭୂୟାଁ, ସଭାପତି ଦିଲିପ୍ କୁମାର ଦାଶଙ୍କ ସହଯୋଗରେ ଆୟୋଜିତ କରା ଯାଇଥିଲା

ଯାଜପୁର ଜିଲ୍ଲାର ପାଇକରାପୁର ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାଇ ପ୍ରଶାନ୍ତି ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମମତା ରାଉତ, ପରିଚାଳନା କମିଟି ସଦସ୍ୟ ଶୁସାନ୍ତ କୁମାର ରାଉତ, ଶ୍ରୀକାନ୍ତ କୁମାର ଭୂୟାଁ, ପ୍ରତୀକ୍ଷା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀ ମଧ୍ୟରେ 'ପରିବେଶ ସୁରକ୍ଷା ଜୀବନ ରକ୍ଷା', 'ଆସ ଭାଇ ମିଳିମିଶି ଗଛ ଲଗାଇବା, ଏହି ପୃଥିବୀକୁ ଗଛରେ ସଜାଇବା', 'ଗଛ ଦିଏ ଫୁଲ ଫଳ ଗଛ ଦିଏ ଛାଇ, ଗଛଟିଏ ଲଗାଇବା ମିଳିମିଶି ଭାଇ' ସ୍ଲୋଗାନ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଔଷଧୀୟ ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ପରିବେଶବିତ୍ ସାଇରାଜ ଭୂୟାଁ, ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା, ଗୁରୁଜୀ ପ୍ରଣବ କୁମାର ଭୂୟାଁଙ୍କ ନେତୃତ୍ୱରେ ବଣ୍ଟନ କରାଯିବା ସହ ଏହାର ଉପଯୋଗିତା, ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।

ଆଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଓ ଗୁରୁଜୀ, ଗୁରୁମା ଏବଂ ସେଣ୍ଟର୍ ଫର୍ ଏନଭରମେଣ୍ଟ ଷ୍ଟଡିଜ୍ ଓ ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରକଳ୍ପ ଅଧିକାରୀ ଡଃ ରାଜେଶ କୁମାର ମହନ୍ତ ଓ ଯୋଜନା ସହାୟକ ଭରତ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ସତ୍ୟଭାମାପୁର ଗ୍ରାମ ପରିକ୍ରମା ପରିକ୍ରମା କରିବା ସହ ପୋଖରୀ ସଫେଇ ସହିତ ପରିବେଶସୁରକ୍ଷା, ପ୍ଲାଷ୍ଟିକବର୍ଜନ, ଜଳସଂରକ୍ଷଣ ଶପଥପାଠ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟଭାମାପୁର ସରପଞ୍ଚ ସୁଧାଂଶୁବାଳା ଜେନା ଓ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ଭୂୟାଁଙ୍କ ସହ ଗୁରୁଜୀ,ଗୁରୁମାମାନେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ବହୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।



# SPECIAL ACTIVITIES OF ECO-CLUBS UNDER ENVIRONMENT EDUCATION PROGRAMME (EEP)

Under Environment Education Programme (EEP) of Ministry of Environment, Forest & Climate Change (MoEF&CC), Government of India; Centre for Environmental Studies (CES), Odisha has been assigned to function as Implementing Agency (IA) for conducting various activities through Eco-clubs.

In this program, about 3000 Eco-clubs have been assigned to conduct various activities under different themes such as “Making Plastic Free Campus”, “Energy Conservation”, “Development of Kitchen Garden”, “Development of Mini Nursery, Plantation Technique & Seed Bomb making”, “Waste Management”, “Swachhta & Healthy Environment” and “Vermi-Composting” etc during 2023-24. Training is also regularly provided through virtual mode and offline mode as well for Eco-Club schools to make the program successful.

**Few snapshots of campaign on Making Plastic Free School conducted by schools of different districts:**




Madhusudan Govt. High School, Bondamunda, Sundargarh



Govt. U.G. High School, Nuaguda, Chitarkonda, Malkangiri



Govt. High School, Gediapalli, Khordha



Nandini Devi Government High School, Kanpur, Keonjhar



Laxmi Narayan Higher Secondary School, Pipilia, Keonjhar



N.J. Vidyapitha, Keonjhar




MT High School, Sihini, Bolangir



Bapuji Govt High School, Sripura, Jharsuguda



Govt Girls High School, Raidiha, Keonjhar

**Few snapshots of campaign on Nursery Raising conducted by schools of different districts:**



Radhakrushna Uchha Bidyapitha, Sundhipadar



Govt. High School, Ramagarh



MGP High School, Palsagora



Manamunda Govt High school

**Few snapshots of campaign on Vermi-Composting conducted by schools of different districts:**



Mugpal Govt. High School, Jajpur



D.M.B. Govt. High School, Balasore




Laxmi Narayan High School, Pobal, Jajpur




Odisha Adarsha Vidyalaya, Ambabhona, Bargarh

## Few snapshots of campaign on Waste Management conducted by schools of different districts:




Govt. UP School, Rangadhipa, Sundargarh




Govt. Higher Secondary School, Rourkela, Sundargarh



Govt. UP School, Jorajam, Khordha



Govt. U.G High School, Mahupada, Sundargarh

## Few snapshots of campaign on Kitchen Garden conducted by schools of different districts:




Ashrama School, Kunjapalli. Sonepur



Sri Raghunath Jew High School, Adhanga, Jagatsinghpur



Laudidarha Ashram School, Bargarh



Barabati Govt Girls High School, Balasore

## Few snapshots of campaign on Energy Conservation conducted by schools of different districts:



Sasanbad Upgraded Govt. High School, Mangalpur, Balasore




Utkalmani High School, Panasagand, Rajkanika, Kendrapara



Kalinga Nodal Vidyapitha, Choudwar, Cuttack



Koro Panchayat High School, Kendrapara

## Few snapshots of campaign on Water Conservation conducted by schools of different districts:



Nehru Nodal Uccha Bidyapitha, Nayabazar, Cuttack



B K High School, Sisunda, Ganjam



Govt. High School, Kantamal, Boudh




Balakrushna Government High School, Jignipur, Cuttack

# ELECTRICAL SAFETY AWARENESS PROGRAMME

Electricity is a familiar and essential part of everyday life, but negligence can kill, severely injure and cause damage to property. Raising awareness about safe practices and safety guidelines can greatly reduce the number of incidences. With this objective Electrical safety awareness programme was held in following 5 schools of different districts of Odisha. This programme was organised by Centre for Environmental Studies with the support of Engineer-in-Chief (Electricity)-cum-PCEI, Department of Energy.

| Sl. No. | Date | School Name | Activities | No. of Participants |
|---|---|---|---|---|
| i. | 06.12.2023 | Maa Bhubasinee Govt High School, Samantrapur, Old Town, Bhubaneswar | Painting, Essay & Slogan Competition, Rally, Cleanliness drive, Awareness Meeting | 200 |
| ii. | 07.12.2023 | Sachala Devi Girls High School, Brahmapura, Banki, Cuttack | Painting, Essay & Slogan Competition, Rally, Cleanliness drive, Nukkad Natak, Awareness Meeting | 400 |
| iii. | 19.12.2023 | Khanda Deuli High School, Ganjam | Painting, Essay & Slogan Competition, Rally, Cleanliness drive, Awareness Meeting | 250 |
| iv. | 20.12.2023 | Gopabandhu Girls High School, Khuntakata, Athagarh, Cuttack | Painting, Essay & Slogan Competition, Rally, Cleanliness drive, Nukkad Natak, Awareness Meeting | 250 |
| v. | 21.12.2023 | Sarala Government High School, Chandbali, Bhadrak | Painting, Essay & Slogan Competition, Rally, Cleanliness drive, Nukkad Natak, Awareness Meeting | 350 |





Photographs of different activities at Maa Bhubasini High School, Samantrapur, Old Town, Bhubaneswar on 06.12.2023




Photographs of different activities at Sachala Devi Girls High School, Brahmapura, Banki, Cuttack on 07.12.2023




Photographs of different activities at Khandadeuli High School, Ganjam on 19.12.2023




Photographs of different activities at Gopabandhu Girls High School, Khuntakata, Athagarh, Cuttack on 20.12.2023




Photographs of different activities at Sarala High School, Chandabali, Bhadrak on 21.12.2023

# NATIONAL ENERGY CONSERVATION DAY 2023

National Energy Conservation Day is celebrated every year on 14th of December. This day is celebrated to disseminate the message of importance to conserve energy among all.

On the occasion of National Energy Conservation Day Celebration, the following State Level Programmes were organized at the State Capital, Bhubaneswar with the objective of propagating the message of energy conservation among all sectors of the society and highlight the importance of saving energy for the benefit of one and all.

- Online Competitions
- Model Exhibition
- Awareness Rally
- Awareness Meeting
- Awareness Ratha
- Awards/Prize Distribution

| Date | Competition | Topic | Target Group | No. of Participants |
|---|---|---|---|---|
| 06.12.2023 | Quiz | Conservation of Energy | Students | 5627 |
| 09.10.2023 to 15.10.2023 | Poster Making | Conservation of Energy | Students | 436 |
| 09.10.2023 to 15.10.2023 | Project Report Writing | Energy Resources | Teachers | 23 |



*Awareness Rally*



*Awareness Ratha*



*Model Exhibition*



*Award/Prize Distribution*

**FOR SUBSCRIPTION & QUERY:**

**CENTRE FOR ENVIRONMENTAL STUDIES (CES)**

**FOREST, ENVIRONMENT & CLIMATE CHANGE DEPT., GOVT. OF ODISHA**

**CRP-Ekamrakanan Road, Nayapalli, Bhubaneswar-751015**

**0674-2551853 | cesodisha@gmail.com | www.cesodisha.org**

**Follow us at @CESOdishaGovt on Facebook & Twitter**

**EDITORIAL TEAM**

- **Dr. K. Murugesan,** IFS
  Director
- **Sri Pravat Mohan Dash**
  Programme Officer
- **Sri Prashanta Ku. Nayak**
  Information Officer